# ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହେବେ ଡଙ୍ଗରିଆ ଶିଶୁ

## ନିୟମଗିରି ଅଞ୍ଚଳରେ ବନ୍ଦହେଲା ମାତୃ ଓ ଶିଶୁ ପୋଷଣ କେନ୍ଦ୍ର

### ଜୀବିକା ହରାଇବେ ୪୪ ଆଦିବାସୀ ମହିଳା

ରାୟଗଡା, ୮।୧୦(ଭାଗ୍ୟଶ୍ରୀ ମିଶ୍ର)

ଆଦିବାସୀ ଅଧ୍ୟୁଷିତ ତଥା ଅନୁନ୍ନତ ଅଞ୍ଚଳରେ ମା' ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ଲକ୍ଷ୍ୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଅଧୀନରେ ପୋଷଣ କେନ୍ଦ୍ର ଚାଲିଥିଲା। ହେଲେ ସେପ୍ଟେମ୍ବର ୩୦ରେ ରାଜ୍ୟ ସରକାରଙ୍କ ଏସ୍‌ଟି ଏସ୍‌ସି ବିଭାଗ ପକ୍ଷରୁ ଏହି ଯୋଜନା ବନ୍ଦ କରିଦିଆଯାଇଥିବା ଚର୍ଚ୍ଚା ହେଉଛି। ଫଳରେ ନିୟମଗିରି ପାହାଡ଼ ପାଦଦେଶରେ ରହିଥିବା ଆଦିମ ଡଙ୍ଗରିଆ କନ୍ଧ ଜାତିର କୋମଳମତି ଶିଶୁ ଏବଂ ମା'ମାନେ ପୁଷ୍ଟିକର ଆହାର ପାଇବାରୁ ବଞ୍ଚିତ ହେବେ ବୋଲି ଆଲୋଚନା ହେଉଛି।

ତତ୍କାଳୀନ ରାଜ୍ୟ ସରକାର ୨୦୨୧ ଅକ୍ଟୋବର ୧ରେ ରାୟଗଡ଼ା ଜିଲାର ବିଷମକଟକ ବ୍ଲକ୍ ନିୟମଗିରି ଅଞ୍ଚଳରେ ପିଭିଟିଜି ଯୋଜନା ଆରମ୍ଭ କରିଥିଲେ। ଆଦିମ ଜନଜାତି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ସଶକ୍ତୀକରଣ ଏବଂ ଜୀବିକାରେ ଉନ୍ନତି ସହ ପୁଷ୍ଟିକର ଖାଦ୍ୟ ଯୋଗାଣ ଏହି ଯୋଜନାର ଉଦ୍ଦେଶ୍ୟ ଥିଲା। ଏହି ଯୋଜନା ଅଧୀନରେ ବିଷମକଟକ ବ୍ଲକର ଅନ୍ତର୍ଗତ କୁର୍ଲୀ, ଖଜୁରୀ, ରୋଡ଼ଆଙ୍ଗ, ଜଙ୍ଗଯୋଡ଼ି, ହୁଡିଙ୍ଗ ଜାଲି, ତଣ୍ଡା, କିଞ୍ଜାମଯୋଡି, ସେରିକପାଡ଼ି, ମେରେକାବଣ୍ଡଲି, ଖମ୍ବେସୀ, ମୁଣ୍ଡାବାଲୀରେ ୧୨ଟି ମାତୃ ଓ ଶିଶୁ ପୋଷଣ କେନ୍ଦ୍ର (କ୍ରେଚ୍) ରହିଛି। ଉକ୍ତ ଅଞ୍ଚଳର ୨୧୪ ଶିଶୁଙ୍କୁ ମା'ମାନେ ଉକ୍ତ କେନ୍ଦ୍ରରେ ଛାଡିକିଏ ଜଙ୍ଗଲକୁ


ମାତୃ ପୋଷଣ କେନ୍ଦ୍ରରେ ମା' ଓ ଶିଶୁ ରନ୍ଧାଖାଦ୍ୟ ଖାଉଛନ୍ତି।

ବିଭିନ୍ନ ସାମଗ୍ରୀ ସଂଗ୍ରହ କରିବାକୁ ଯାଉଥିଲେ, ତ କିଏ କାମ କରିବାକୁ ଯାଉଥିଲେ। କ୍ରେଚ୍‌ରେ ୬ ମାସରୁ ଆରମ୍ଭକରି ୩ ବର୍ଷର ଶିଶୁ ରହୁଥିଲେ। ସେଠାରେ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯିବା ସହ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ କରାଯାଉଥିଲା। ପିଲାଙ୍କ ଦେଖାଶୁଣା ପାଇଁ ଗୋଟେ କ୍ରେଚ୍‌ରେ ୨ ଜଣ ମହିଳା ନିଯୁକ୍ତି ହୋଇଥିଲେ। ପ୍ରାୟ ୧୨ଟି କ୍ରେଚ୍‌ରେ ୨୪ ଜଣ ମହିଳା ନିଯୁକ୍ତି ପାଇଥିଲେ। ସେହିପରି୨୦ଟି ମାତୃ ପୋଷଣ କେନ୍ଦ୍ରରେ ୨୦ ଜଣ ମହିଳା ନିଯୁକ୍ତି ପାଇଥିଲେ। ପ୍ରକଳ୍ପ ବନ୍ଦ ହେଲେ ମୋଟ ୪୪ ଡଙ୍ଗରିଆ ମହିଳା ନିଜର ଜୀବିକା ହରାଇବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଡଙ୍ଗରିଆ କନ୍ଧ ବାସ କରୁଥିବା ଗ୍ରାମରେ ମାତୃ କେନ୍ଦ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଆଦିବାସୀ ଅଞ୍ଚଳରେ ସଚେତନତା ଅଭାବରୁ ଅନେକ ଗର୍ଭବତୀ ଏବଂ ପ୍ରସୂତି ମହିଳା ଡାକ୍ତରଖାନା ଆସନ୍ତି ନାହିଁ, ଘରେ ଡେଲିଭେରି ହୁଅନ୍ତି। ଗର୍ଭବତୀ ସମୟରେ ପୁଷ୍ଟିକର ଖାଦ୍ୟ ଖାଆନ୍ତି ନାହିଁ। କିନ୍ତୁ ମାତୃକେନ୍ଦ୍ରରେ ସେମାନଙ୍କୁ ସଚେତନତା କରାଯିବା ସହ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉଥିଲା। ଫଳରେ ଗର୍ଭବତୀ ଏବଂ ପ୍ରସୂତି ବହୁତ ଉପକୃତ ହୁଅନ୍ତି ବୋଲି ବିଷମକଟକ ବ୍ଲକର ଖଜୁରୀ ଗ୍ରାମର ଜାମୁନା କାଡ୍ରାକା କହିଛନ୍ତି। (ଆୟା ଘର) କ୍ରେଚ୍ ଏବଂ ମାତୃ ପୋଷଣ କେନ୍ଦ୍ର ସରକାର ଆମ ଅଞ୍ଚଳରେ ପୁଣି ଚାଲୁ କଲେ ଆମ ସହ ଛୋଟ ପିଲାମାନେ ପୁଷ୍ଟିକର ଖାଦ୍ୟ ପାଇବା ସହ ବିଭିନ୍ନ ସୁବିଧା ପାଇବେ ବୋଲି କହିଛନ୍ତି। କୁର୍ଲି ସରପଞ୍ଚ ସୁବର୍ଦ୍ଦନୀ ବାଡକା କହିଛନ୍ତି, କ୍ରେଚ୍ ଆଉ ମାତୃ ପୋଷଣ କେନ୍ଦ୍ର ବନ୍ଦହେବା ପରଠାରୁ ଶିଶୁମାନେ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହେଉଛନ୍ତି। କ୍ରେଚ୍‌ରେ ଶିଶୁମାନେ ୩ ଥର ଖାଉଥିଲେ, କିନ୍ତୁ ଡଙ୍ଗରିଆ କନ୍ଧମାନେ ଦାରିଦ୍ୟ ହେତୁ ପୁଷ୍ଟିକର ଖାଦ୍ୟ ତ ଦୂରର କଥା, ଘରେ ଭାତ, ଡାଲି ମଧ କରିପାରନ୍ତି ନାହିଁ। କ୍ରେଚ୍ ହେବା ଦ୍ୱାରା ସେଠାରେ ଶିଶୁର ଠିକ୍ ଭାବେ ଯତ୍ନ ନିଆଯାଉଥିଲା, ହେଲେ ଏବେ ମା' ବାପା ସାଙ୍ଗେ ପିଲା କାମକୁ ଯିବେ। ଫଳରେ ଶିକ୍ଷା ହାର କମିବା ଆଶଙ୍କା ଅଛି। ତେଣୁ ସରକାର ଏହି ଯୋଜନା ପୁଣି କାର୍ଯ୍ୟକାରୀ କରିବାକୁ ସରପଞ୍ଚ ବାଡକା ନିବେଦନ କରିଛନ୍ତି। ଏ ସମ୍ପର୍କରେ ବିଷମକଟକ ବ୍ଲକ୍ ଚାଟିକଣାସ୍ଥିତ ଡିକେଡିଏ ମାଇକ୍ରୋ ପ୍ରୋଜେକ୍ଟ ଏଜେନ୍ସିର ସ୍ୱତନ୍ତ୍ର ଅଧିକାରୀ ଜଗବନ୍ଧୁ ମେହେରଙ୍କୁ ପଚାରିବାରୁ ଉକ୍ତ ଯୋଜନା ସେପ୍ଟେମ୍ବର ୩୦ ଶେଷ ଦିନ ଥିଲା। ମାତୃ ଓ ଶିଶୁ ପୋଷଣ କେନ୍ଦ୍ର ବନ୍ଦ କରିବାକୁ ଏସ୍‌ଟିଏସ୍‌ସି ବିଭାଗ ପକ୍ଷରୁ ଆମକୁ ଚିଠି କରାଯାଇଥିବାରୁ ସବୁ ବନ୍ଦ ରହିଛି। ଆଗକୁ ଏପରି ନୂତନ ପ୍ରକଳ୍ପ ଯୋଜନା କିଛି ଅଛି କି ବୋଲି ପଚାରିବାରୁ ବର୍ତ୍ତମାନ ସୁଦ୍ଧା ଆମକୁ କିଛି କୁହାଯାଇନି ବୋଲି କହିଛନ୍ତି।

# ଲକ୍ଷେ ୮ ଦୀପଦାନ କାର୍ଯ୍ୟକ୍ରମ


ମହିଳାମାନେ ଦୀପ ପ୍ରଜ୍ୱଳନ କରୁଛନ୍ତି।

ଗୁଣପୁର,୮।୧୦(ପ୍ରଦୀପ କୁମାର ପାଢ଼ୀ)

ପୁରୁଣା ଗୁଣପୁର ଜଗନ୍ନାଥ ମନ୍ଦିର ପରିସରରେ ଥିବା ମା' କନକ ଦୁର୍ଗାଙ୍କ ନିକଟରେ ଷଷ୍ଠୀ ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ଲକ୍ଷେ ୮ ଦୀପ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମା'ଙ୍କ ନିକଟରୁ ଦୀପ ଅଣାଯିବା ପରେ ବଡ ଦାଣ୍ଡରେ ଲକ୍ଷେ ୮ ଦୀପରେ ଅଗ୍ନି ସଂଯୋଗ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପୂଜକ ବ୍ରହ୍ମଶ୍ରୀ ଗୁପ୍ତେଶ୍ୱର ରଥଶର୍ମା, ଖୁଲେଶ୍ୱର ରଥଶର୍ମା, ପ୍ରଭାତ ରଥଶର୍ମା ପ୍ରମୁଖ ମନ୍ତ୍ର ଉଚ୍ଚାରଣ କରିବା ସମୟରେ ଦୀପ ପ୍ରଜ୍ୱଳନ ଆରମ୍ଭ ହୋଇଥିଲା। ଏହି ଅବସରରେ ମହିଳାଙ୍କ ଦ୍ୱାରା ଦଣ୍ଡିଆ ନାଚ ପରିବେଷଣ କରାଯାଇଥିଲା। ବିଧାୟକ ସତ୍ୟଜିତ ଗମାଙ୍ଗ, ପୌର ପରିଷଦ ଅଧକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିପତି ମହାନ୍ତି, ନୀର ପାଢ଼ୀ, ଡ. ସୂର୍ଯ୍ୟ ନାରାୟଣ ପଣ୍ଡା, ଫକୀର ନାୟକ, ଗୁକୁନା ରଥ, ଗଦାଧର ପଣ୍ଡା, ସନ୍ତୋଷ ରଥ, ଭାଗିରଥୀ ବିଷୋୟୀ ଏବଂ ଉମା ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବୃଦ୍ଧାଙ୍କ ଘରକୁ ଯାଇ ଭତ୍ତାଦେଲା ପ୍ରଶାସନ

**ଧରିତ୍ରୀ ପ୍ରଭାବ**

ରାୟଗଡ଼ା, ୮।୧୦ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସହର ୪ ନମ୍ବର ୱାର୍ଡ ଅଧୀନ ଝୋଡ଼ିଆସାହିର ବୃଦ୍ଧା ତୁଳସା ଝୋଡ଼ିଆଙ୍କ ଆଧାର କାର୍ଡ ନ ଥିବାରୁ ସେ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତଥିଲେ। ଅନେକ ଥର ସେ ପୌର ପରିଷଦ କାର୍ଯ୍ୟାଳୟ ଏବଂ ଜନସେବା କେନ୍ଦ୍ର ଦୌଡ଼ି ନୟାନ୍ତ ହୋଇଥିଲେ ସୁଦ୍ଧା ଭତ୍ତା ମିଳିପାରୁ ନ ଥିଲା। 'ଧରିତ୍ରୀ'ରେ ଗତ ୩୦ ତାରିଖରେ 'ଆଧାର କାର୍ଡ ନ ଥିବାରୁ ତୁଳସାଙ୍କୁ ମିଳୁନି ଭତ୍ତା' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପୌର ପ୍ରଶାସନ ବୃଦ୍ଧାଙ୍କ ନିକଟକୁ ଯାଇ ସମସ୍ତ କାଗଜପତ୍ର ଯାଞ୍ଚ କରିଛି। ତୁଳସା ଭତ୍ତା ପାଇବାକୁ ଯୋଗ୍ୟ ଥିବା ଜାଣିବା ପରେ ଭତ୍ତା ପ୍ରଦାନ କରାଯାଇଛି। ବୃଦ୍ଧା ଚାଲିପାରୁ ନ ଥିବା ଦେଖି ପୌର ପରିଷଦ କମ୍ୟୁନିଟି ଅର୍ଗାନାଇଜର ସଙ୍ଗୀତା ପଟ୍ଟନାୟକଙ୍କ ସହ ଅନ୍ୟ ପୌର ଅଧିକାରୀ ପ୍ରମୁଖ ଉପସ୍ଥିତିରେ ବୃଦ୍ଧାଙ୍କୁ ତାଙ୍କ ଘରେ ଭତ୍ତା ଟଙ୍କା ଦିଆଯାଇଛି। ପୌର ପରିଷଦ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ମାସକୁ ୧୦୦୦ ଟଙ୍କା ହିସାବରେ ଗତ ୫ ମାସର ଭତ୍ତା ତୁଳସାଙ୍କୁ ପ୍ରଦାନ କରାଯାଇଛି। ଭତ୍ତା ପାଇବା ପରେ ତୁଳସା ଖୁସିବ୍ୟକ୍ତ କରିଛନ୍ତି। ୪ ନମ୍ବର ୱାର୍ଡ କାଉନସିଲର ସୁକାନ୍ତ ପରିଡ଼ା ମଧ୍ୟ ପୌର ପରିଷଦକୁ ଧନ୍ୟବାଦ ଜଣାଇଛନ୍ତି।


ପୌର ପରିଷଦ କର୍ମଚାରୀ ତୁଳସାଙ୍କୁ ଭତ୍ତା ଟଙ୍କା ପ୍ରଦାନ କରୁଛନ୍ତି।

# ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ଗୁଡାରି,୮।୧୦ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ସରକାରୀ ହାଇସ୍କୁଲ ମଙ୍ଗଳବାର ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡିଓ ଅନିଶା ଦାସ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସିଡିପିଓ ଅନିତା ପାଣିଗ୍ରାହୀ ନିଜ ଅଭିଭାଷଣରେ ବାଲ୍ୟ ବିବାହକୁ ବିରୋଧ କରିବା ସହ ସମସ୍ତ ଛାତ୍ରୀ ଶିକ୍ଷା ପ୍ରତି ଆକୃଷ୍ଟ ହେବା ପାଇଁ କହିଥିଲେ। କାର୍ଯ୍ୟକ୍ରମ ଅବସରରେ ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଓ ସଂଗୀତ ପ୍ରତିଯୋଗିତା ହୋଇଥିଲା। କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ବିଡିଓ ମାନପତ୍ର ସହ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସିଡିପିଓ ଅନିତା ପାଣିଗ୍ରାହୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଶବରଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



ବିଡିଓ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ସ୍ଥାନୀୟ ସାମଗ୍ରୀର ଚାହିଦା ବଢ଼ାଇବା ଆକାଂକ୍ଷା ହାଟର ଲକ୍ଷ୍ୟ


ସମ୍ପୂର୍ଣ୍ଣତା ଅଭିଯାନ ସମାପନ ସମାରୋହରେ ଗୁଣପୁର ବିଧାୟକଙ୍କ ସହ ଅନ୍ୟମାନେ।

## ସମ୍ପୂର୍ଣ୍ଣତା ଅଭିଯାନ ଉଦ୍‌ଯାପିତ

ରାୟଗଡ଼ା,୮।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ପରିଷଦ କାର୍ଯ୍ୟାଳୟଠାରେ ମଙ୍ଗଳବାର ଜୁଲାଇରୁ ଆରମ୍ଭ ହୋଇଥିବା ସମ୍ପୂର୍ଣ୍ଣତା ଅଭିଯାନ ସମାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟ ପରିସରରେ ବସିଥିବା ଆକାଂକ୍ଷା ହାଟକୁ ଉଦ୍‌ଘାଟନ କରିଥିଲେ। ଭୋକାଲ ଫର୍ ଲୋକାଲ ଥିମ୍‌ରେ ଆରମ୍ଭ ହୋଇଥିବା ଏହି ଆକାଂକ୍ଷା ହାଟର ମୂଳ ଲକ୍ଷ୍ୟ ହେଉଛି ବାହାରୁ ଆସୁଥିବା ସାମଗ୍ରୀ ବଦଳରେ ଜିଲାରେ ବିଭିନ୍ନ ସଙ୍ଗଠନ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ପ୍ରସ୍ତୁତ ହେଉଥିବା ସାମଗ୍ରୀ ବ୍ୟବହାର କରିବା ବୋଲି ନିହାର କହଁର କହିଥିଲେ।

ଏହାପରେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକ ସଭାର ଆୟୋଜନ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଏକ ସ୍ୱାକ୍ଷର ଅଭିଯାନ ଓ ୩ ମାସର ଅଭିଯାନର ସଫଳତାକୁ ପାଳନ କରାଯାଇଥିଲା। ଅତିଥି ଅଭିଯାନର ଗୁରୁତ୍ୱ ଏବଂ ଏହାର ସଫଳତା ଉପରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ ସେବାରେ ଉନ୍ନତି, ପୋଷଣ ଅଭିଯାନ ଅଧୀନରେ ଅପପୁଷ୍ଟି ହ୍ରାସ, ପ୍ରସବପୂର୍ବ ଯତ୍ନ, ଶିଶୁ ଟିକାକରଣ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଉନ୍ନତିକୁ ଆଗେଇ ନେବାରେ ଅଙ୍ଗନୱାଡି ଏବଂ ଆଶା କର୍ମୀଙ୍କ ପରି ଆଗଧାଡ଼ିର କର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ପ୍ରଶଂସା କରାଯାଇଥିଲା। ଏହି ସମାରୋହରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଏସ୍ ଆଣ୍ଡ ଏମ୍‌ଇ ଏବଂ ଏସ୍‌ଏସ୍‌ଡିର ଶିକ୍ଷକ, କୃଷିମିତ୍ର, ଏ.ବି. ଫେଲୋ ଏବଂ ପିରାମଲ ଫାଉଣ୍ଡେଶନ ଟିମ୍ ସମେତ ସମସ୍ତ ବ୍ଲକ୍‌ର ୧୩୦ ଜଣଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଥିଲା।

# ଅଭିଯୁକ୍ତଙ୍କୁ ବର୍ଷେ ଜେଲ, ୬ ହଜାର ଜରିମାନା

## ଗ୍ରାମୀଣ ନ୍ୟାୟାଳୟରେ ଚୋରି ମାମଲା ଶୁଣାଣି

ରାୟଗଡ଼ା,୮।୧୦(ଆଶିଷ ରଞ୍ଜନ ପଣ୍ଡା)

କୋଲନରା ଗ୍ରାମ୍ୟ ନ୍ୟାୟାଳୟ ନ୍ୟାୟାଧିକାରୀ ଜ୍ୟୋତିର୍ମୟୀ ଷଡ଼ଙ୍ଗୀ ଏକ ଚୋରି ମାମଲାର ବିଚାରକରି ଅଭିଯୁକ୍ତଙ୍କୁ ୧ବର୍ଷ ଜେଲ ଓ ୬ ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। କେସ୍ ନଂ. ୧/୨୪ରେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ନ୍ୟାୟାଧିକାରୀ ଷଡ଼ଙ୍ଗୀ ଏହି ରାୟ ପ୍ରକାଶ କରିଛନ୍ତି। ୨୦୨୩ ଡିସେମ୍ବର ୩୧ରେ ଗୌଡ଼ଲେଲିବାଡ଼ି ଗ୍ରାମର ବେଣୁଧର କଣ୍ଟାବଂଶଙ୍କ ଏକ ବାଇକ୍ ଚୋରି ହେବା ନେଇ ଚାନ୍ଦିଲି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ୫/୨୪ରେ ମାମଲା ରୁଜୁକରି ତଦନ୍ତ କରଥିଲା। ପ୍ରଦୀପ ଜେନା ଚୋରି କରିଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲେ। ମାମଲାକୁ ସରକାରଙ୍କ ପକ୍ଷରୁ ଆଇନଜୀବୀ ହରିହର କହଁର ଓ ଜଗନ୍ନାଥ ଦୋରା ଏବଂ ପ୍ରତିପକ୍ଷଙ୍କ ତରଫରୁ ନବ କୁମାର କଣ୍ଟା ପରିଚାଳନା କରିଥିଲେ।

# କୃଷକ ନେତା ରବି ପାଢ଼ୀଙ୍କ ଶ୍ରାଦ୍ଧବାର୍ଷିକୀ

ଗୁଣପୁର,୮।୧୦(ପ୍ରଦୀପ କୁମାର ପାଢ଼ୀ)

ବରିଷ୍ଠ କୃଷକ ତଥା ଭାଜପା ନେତା ସ୍ୱର୍ଗତ ରବି ପାଢ଼ୀଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ରବି ପାଢ଼ୀ ସ୍ମୃତି କମିଟି ପକ୍ଷରୁ ପଣଷଗୁଡାସ୍ଥିତ ସ୍ୱାଭିମାନ ଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସତ୍ୟଜିତ୍ ଗମାଙ୍ଗ, ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ସ୍ମୃତି କମିଟି ବରିଷ୍ଠ ସଦସ୍ୟ ଲୋକନାଥ ପାଢ଼ୀ, ଅକ୍ଷୟ ଦାସ, ଅଶୋକ ରଥ ଓ ନୀଳମାଧବ ପାଢ଼ୀ ଉପସ୍ଥିତ ରହି ସ୍ୱର୍ଗତ ପାଢ଼ୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ। ଉକ୍ତ ମଣ୍ଡପରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ଉପସ୍ଥିତ ଲୋକେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାକେଶ ସାହୁ, ସନ୍ତୋଷ ପଣ୍ଡା, ଉମା ଦାସ, ସିଏଚ ଶ୍ରୀନିବାସ, ରାଜେଶ ପାଢ଼ୀ, ମିଲି ପାଢ଼ୀ, ଅଜିତ ପଣ୍ଡା, ମୁନା ପାଢ଼ୀ, ରାମ ମହାନ୍ତି, ବିଭୁ ଶତପଥି, ଶ୍ରେଆନ୍ସ ପାଢ଼ୀ, ସୁରେନ୍ଦ୍ର ମହାନ୍ତି, ଇପିଲି ସାବରିସ, ବିଜେଡି ନେତା ରାମ ପଣ୍ଡା, ଭାଜପା ନେତା ଅମର ସାହୁ, ଶ୍ରୀନିବାସ ସ୍ୱାଇଁ, ପୃଥ୍ୱିରାଜ ପାଢୀଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

# ଜଙ୍ଗଲ, ବନ୍ୟପ୍ରାଣୀ ସୁରକ୍ଷାକୁ ଗୁରୁତ୍ୱ


 କପାପଦର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଧାୟକ ଆପଲସ୍ୱାମୀ କାଡ୍ରାକା ଓ ଡିଏଫଓ ସଚିନ ଆନ୍ନାସାହେବଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ

ରାୟଗଡ଼ା,୮।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାସ୍ଥିତ ଫରେଷ୍ଟ ପାର୍କଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ୭୦ତମ ବନ ଖଣ୍ଡସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ଆପଲାସ୍ୱାମୀ କାଡ୍ରାକା ଯୋଗ ଦେଇଥିଲେ। ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝୀ, କୋଲନରା ବ୍ଲକ ଅଧକ୍ଷା ସଂଯୁକ୍ତା କୁଲେସିକା ସମ୍ମାନିତ ଅତିଥି ଓ ସାମାଜିକ କର୍ମୀ ତଥା ପରିବେଶବିତ୍ ଗୌରାଙ୍ଗ ଚରଣ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ କିଭଳି ଭାବେ ଜଙ୍ଗଲକ୍ଷୟ ରୋକାଯାଇପାରିବ ଏବଂ ବନ୍ୟପ୍ରାଣୀ ସୁରକ୍ଷିତ ରହିବେ ସେ ସମ୍ପର୍କରେ କହିଥିଲେ। ଡିଏଫ୍‌ଓ ସଚିନ ଆନ୍ନା ସାହେବ ଓହେଲଙ୍କ ଅଧକ୍ଷତାରେ ଉକ୍ତ ସପ୍ତାହ ପାଳନ କରାଯାଇଥିଲା। ପରିବେଶ ସୁରକ୍ଷା ନିମନ୍ତେ ଚାରାରୋପଣ ଓ ଏହାର ସୁରକ୍ଷା, ପ୍ଲାଷ୍ଟିକ ବର୍ଜନ ଓ ପରିବେଶ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରିବା ଏବଂ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉତ୍କଳ ମିଡିଆ ସାମ୍ବାଦିକ ସଂଘକୁ ପ୍ରକୃତି ମିତ୍ର-୨୦୨୪ ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିସହ ୨୦ ହଜାର ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର ପ୍ରଦାନ କରାଯାଇଛି। ଉକ୍ତ ପୁରସ୍କାରକୁ ସଭାପତି ଦୟାନନ୍ଦ ଖାଡ଼ଙ୍ଗା, ସମ୍ପାଦକ ମନୋଜ କୁମାର ସାହୁ, ଉପଦେଷ୍ଟା ସରୋଜ କୁମାର ସାହୁ ଓ ସଭ୍ୟ ଦୀପକ ପଣ୍ଡା, କେ. କ୍ରିଷ୍ଣାମୂର୍ତ୍ତି ପ୍ରମୁଖ ଗ୍ରହଣ କରିଥିଲେ। ଏହାସହ ପରିବେଶ ସୁରକ୍ଷା ପାଇଁ ନିଜସ୍ୱ ଉଦ୍ୟମରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଯୋଗୁ ଖବରଦାତା ମନୋଜ କୁମାର ସାହୁଙ୍କୁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରାଯିବା ସହ ୧୦ ହଜାର ଟଙ୍କା ପୁରସ୍କାର ରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ବିଷମକଟକ ବ୍ଲକ୍‌ର କପାପଦର ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ପରିବେଶ ସୁରକ୍ଷା ପାଇଁ ପ୍ରକୃତି ମିତ୍ର ସମ୍ମାନରେ ସମ୍ମାନିତ କରାଯିବା ୨୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ବନ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଜିଆଇଇଟିକୁ ମିଳିଲା ପ୍ରକୃତିମିତ୍ର ପୁରସ୍କାର

ଗୁଣପୁର,୮।୧୦(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ାରେ ୭୦ ତମ ବନଖଣ୍ଡସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟକୁ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ପ୍ରକୃତି ମିତ୍ର ପୁରସ୍କାର-୨୦୨୪ ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ସଦସ୍ୟ ପ୍ରଫେସର ଡ. ପ୍ରେମାଂଶୁ ଶେଖର ରଥ ଯୋଗଦେଇ ଅତିଥିଙ୍କଠାରୁ ମାନପତ୍ର ସହ ୨୦ହଜାର ଟଙ୍କା ଚେକ୍ ଗ୍ରହଣ କରିଛନ୍ତି। ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟ ସଭାପତି ଡ. ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, କୁଳପତି ଡ. ଏଭିଏନ୍‌ଏଲ୍ ଶର୍ମା, ରେଜିଷ୍ଟ୍ରାର ଡ. ଏନ୍‌ଭିଜେ ରାଓ ପ୍ରମୁଖ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।


ଅତିଥିଙ୍କଠାରୁ ଡା.ରଥ ମାନପତ୍ର ଗ୍ରହଣ କରୁଛନ୍ତି।

# ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ଉପଲକ୍ଷେ ଆଲୋଚନାଚକ୍ର

ଗୁଣପୁର,୮।୧୦(ପ୍ରଦୀପ କୁମାର ପାଢ଼ୀ)

୭୦ତମ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ପାଳନ ଉପଲକ୍ଷେ ଗୁଣପୁର ମହାବିଦ୍ୟାଳୟରେ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ଓ ଗୁଣପୁର ବନାଞ୍ଚଳ ପକ୍ଷରୁ ମିଳିତ ଭାବେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧକ୍ଷ ଶଶିଭୂଷଣ ମହାନ୍ତି ଉଦ୍‌ଘାଟନ କରିଥିଲେ। ଅଧାପକ ଅମିୟ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୁଣପୁର ବନାଞ୍ଚଳ ଫରେଷ୍ଟ ରେଞ୍ଜର ଗଙ୍ଗାଧର ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ନିଜର ମତାମତ ରଖିଥିଲେ। ସମ୍ମାନନୀୟ ଅତିଥି ପ୍ରାକ୍ତନ ପ୍ରାଧାପକ ରାମଚନ୍ଦ୍ର ପଣ୍ଡା ବନ୍ୟଜନ୍ତୁ ସଂରକ୍ଷଣର ଆବଶ୍ୟକତା ଓ ଖାଦ୍ୟ ଶୃଙ୍ଖଳା ଉପରେ ତା'ର ପ୍ରଭାବ ବିଷୟରେ ବୁଝାଇଥିଲେ। ଛାତ୍ରୀ କ୍ଷୀରାବ୍ଧି ତନୟା ପାଠୀ, ପ୍ରୀତି ମହାକୁଡ଼, କସ୍ତୁରୀ ମହାକୁଡ଼, ସଂଗୀତା ଶବର ଓ ଛାତ୍ର ବିଭୂତି ଗୌଡ଼, ବିପିନ ଗମାଙ୍ଗ ନିଜ ନିଜର ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଅଧାପିକା ନମିତା ମୁଦୁଲି ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଅଧାପକ ଜିତେନ୍ଦ୍ର ବଡ଼ମୁଣ୍ଡି ଓ ସତ୍ୟବାନ ଗରଡ଼ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅଧକ୍ଷ ପୁରସ୍କୃତ କରିଥିଲେ।



କଲେଜ ଅଧକ୍ଷ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

# ବନବାସୀ ସଚେତନ ହେଲେ ବନ୍ୟପ୍ରାଣୀ ସୁରକ୍ଷିତ ରହିବେ: କତାପାଲ୍ଲୀ

ମାଲକାନଗିରି, ୮।୧୦(ଦୁର୍ଯ୍ୟୋଧନ ପାତ୍ର)

ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ଅବକ୍ଷୟ ବନ୍ୟଜନ୍ତୁ ଶିକାରକୁ କେବଳ ବନବାସୀ ରୋକିପାରିବେ । ଯେଉଁମାନେ ବହୁ ଶହ ବର୍ଷ ଧରି ଜଙ୍ଗଲରେ ବାସକରି ଆସୁଥିଲେ ସେମାନେ ଜଙ୍ଗଲକୁ ଭଗବାନ ପରି ମାନିବା ସହ ବନଦେବୀଙ୍କୁ ପୂଜାକରି ଆସୁଛନ୍ତି। ତେଣୁ ବନବାସୀ ସଚେତନ ହେଲେ ଜଙ୍ଗଲ ସୁରକ୍ଷା ସହ ବନ୍ୟପ୍ରାଣୀ ସୁରକ୍ଷିତ ହୋଇପାରିବେ ବୋଲି ଡିଏଫ୍‌ଓ ପ୍ରତାପ କତାପାଲ୍ଲୀ ଏହା କହିଛନ୍ତି । ମଙ୍ଗଳବାର ଏହି ଉପଲକ୍ଷେ ମାଲକାନଗିରି ବନ ବିଭାଗ ତରଫରୁ ଜିଲାସ୍ତରୀୟ ବନ୍ୟପ୍ରାଣୀ ସୁରକ୍ଷା ଦିବସ ସତୀଗୁଡ଼ା ପ୍ରାକୃତିକ ପର୍ଯ୍ୟଟନସ୍ଥଳୀରେ ଡିଏଫ୍‌ଓ ପ୍ରତାପ କତାପାଲ୍ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ସହକାରୀ ବନ ସଂରକ୍ଷକ ଡ. ଏଲାଭରସନ କେ., ସୁଶ୍ରୀ ପ୍ରିୟଙ୍କା ମହୁକା, ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର ଯୋଗଦେଇ ବନ୍ୟଜନ୍ତୁ ସୁରକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶେଷକରି ଜିଲାରେ ବନ ବିଭାଗ ତରଫରୁ ୫୫୬ ପଞ୍ଜୀକୃତ ବନ ସୁରକ୍ଷା ସମିତି ସେମାନଙ୍କ ଅଞ୍ଚଳର ଜଙ୍ଗଲ ସହ ବନ୍ୟଜନ୍ତୁ ସୁରକ୍ଷା ଏବଂ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷାକରିବା ଭୂମିକା ନିଭାଇଲେ ଆଗାମୀ ଦିନରେ ଜଙ୍ଗଲ ସହ ବନ୍ୟଜନ୍ତୁଙ୍କ ଅଭିବୃଦ୍ଧି ଘଟିବ । ଯେଉଁ ଗ୍ରାମଗୁଡିକ ଜଙ୍ଗଲ ଅଞ୍ଚଳରେ ଅଛି ସେଠାର ଲୋକମାନେ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭରକରି ଚଳୁଛନ୍ତି। ସେମାନେ ଜଙ୍ଗଲ ସୁରକ୍ଷା ପ୍ରତି ଅଧିକ ଧ୍ୟାନଦେଲେ ସେମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ସହ ଜଳବାୟୁ ପରିବର୍ତ୍ତନ, ପରିବେଶ ସୁରକ୍ଷା, ବନ୍ୟଜନ୍ତୁ ସୁରକ୍ଷା ସେମାନଙ୍କ ଉପରେ ନିର୍ଭର କରିଥାଏ ।

ବନ୍ୟଜନ୍ତୁ ସୁରକ୍ଷା ଉପରେ ମାଲକାନଗିରି ଜିଲାର ୬ ବନାଞ୍ଚଳର ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ରଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବନାଞ୍ଚଳ ଅଧିକାରୀ, ବନପାଳ, ବନରକ୍ଷୀ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରୀ ଏବଂ ବନ ସୁରକ୍ଷା ସମିତି କର୍ମକର୍ତ୍ତା ଏବଂ ଆମ ଜଙ୍ଗଲ ଯୋଜନା କର୍ମକର୍ତ୍ତା ଓ ସାପ ଧରାଳି ଉପସ୍ଥିତ ଥିଲେ। ଶେଷରେ ମାଲକାନଗିରି ବନାଞ୍ଚଳ ଅଧିକାରୀ ମନସ୍ୱିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ପୁରସ୍କୃତ ଛାତ୍ରୀଛାତ୍ରଙ୍କ ସହ ଅତିଥି।

# ବ୍ଲକସ୍ତରୀୟ ପ୍ରତିଯୋଗିତାରେ ୧ମ ସ୍ଥାନରେ ୪ ଛାତ୍ର

## ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ


ଅଧ୍ୟକ୍ଷ ସୁବ୍ରତ କୁମାର ଭଦ୍ରଙ୍କ ପୁରସ୍କୃତ ଛାତ୍ର ।

ମାଥିଲି, ୮।୧୦(ସୁବାସ ଚନ୍ଦ୍ର ଖୁଣ୍ଟୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ୍ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ୪ ଜଣ ଛାତ୍ର ଗୁରୁ କିର୍ଷାନି, ସୁଶାନ୍ତ ମାଦ୍ରା, ଇନ୍ଦ୍ର ମୁଦୁଲି ଓ ହରିଶ୍ଚନ୍ଦ୍ର ମୁଦୁଲି ଏମ୍‌ଭି ୭ ଗ୍ରାମରେ କ୍ରିକେଟ ଟୁର୍ନାମେଣ୍ଟରେ ଖେଳି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ହାଇଜମ୍ପ ୮୦୦ମିଟର, ଲଙ୍ଗଜମ୍ପ ଓ ଅନ୍ୟାନ୍ୟ ଖେଳରେ ମଧ୍ୟ ମାଥିଲି ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟରୁ ଯାଇ ଏମ୍‌ଭି ୭ରେ ହୋଇଥିବା ପ୍ରତିଯୋଗିତାରେ ଏମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ମାଥିଲି କଲେଜ ତରଫରୁ ୪ ଜଣ ଛାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଅଧ୍ୟକ୍ଷ ସୁବ୍ରତ କୁମାର ଭଦ୍ରଙ୍କୁ ମାଥିଲି ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି । ସେହିପରି ସୁରଭି କାର୍ଯ୍ୟକ୍ରମରେ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ଓ ମାଥିଲି ବ୍ଲକ୍‌ରେ ଚାଲିଥିବା ଖେଳରେ ୩ ଜଣ ବାଳିକା ବ୍ଲକସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ



ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

କୋରୁକୋଣ୍ଡା, ୮।୧୦(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ବାଲିମେଳା ବିଜ୍ଞାନ ଏବଂ ବୈଷୟିକ ମହାବିଦ୍ୟାଳୟ ସଭାଗୃହରେ ନେହେରୁଯୁବକେନ୍ଦ୍ର ପକ୍ଷରୁସ୍ୱଚ୍ଛତା ହିଁସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ଏନ୍‌ଏସ୍‌ଏସ୍ ଶିକ୍ଷା ପ୍ରାଧ୍ୟାପକ ସରୋଜ ମହାପାତ୍ର, ବାଲିମେଳା ବିଧାୟକଙ୍କ ପ୍ରତିନିଧି ଇସାକ୍ ଖୋସ୍‌ଲା, ଏନ୍‌ୱାଇକେଏସ୍ ଅଧ୍ୟକ୍ଷ ହରିଶ ରୂପଲ ଏବଂ ସନ୍ତୋଷ ମହାପାତ୍ର, ବିକେପୁର ଯୁବକ ସଂଘ ସଭାପତି ଜଗନ୍ନାଥ ହନ୍ତାଳଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିବା ବେଳେ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ମୁଖ୍ୟ ଅତିଥି ଖିଲ ସ୍ୱଚ୍ଛତା ଆମ ଜୀବନଶୈଳୀ ହେବା ଆବଶ୍ୟକ। ନିଜ ଆଖପାଖ ଅଞ୍ଚଳ ସହ ସମାଜକୁ ମଧ୍ୟ ସ୍ୱଚ୍ଛ ରଖିବା ପାଇଁ ଆମେ ପ୍ରୟାସ କରିବା ବୋଲି ଅଭିଭାଷଣରେ କହିଥିଲେ। ଶେଷରେ ନୀଳାଦ୍ରିନଗର ଅଞ୍ଚଳରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ସଂଗ୍ରହ କରାଯାଇଥିଲା।

# ପୋଲିସ ସହ ଗୁଳି ବିନିମୟ, ଜଣେ ମାଓବାଦୀ ମୃତ

ମାଲକାନଗିରି, ୮।୧୦(ଦୁର୍ଯ୍ୟୋଧନ ପାତ୍ର)- ଛତିଶଗଡ଼ ସୁକ୍‌ମା ଜିଲା ଅନ୍ତର୍ଗତ ଭେଜୀ ପୋଲିସ ଷ୍ଟେଶନ ଅଞ୍ଚଳ ପାମଲୁର ଜଙ୍ଗଲରେ ପୋଲିସ ସହ ଗୁଳି ବିନିମୟ ଘଟି ଜଣେ ମାଓବାଦୀଙ୍କର ମୃତ୍ୟୁ ହୋଇଛି। ମୃତକ କିଷ୍ଟାରାମ କମିଟି ସଦସ୍ୟ ଏସିଏମ୍ କ୍ୟାଡରର ଲୋକେଶ । ପାମଲୁର ଜଙ୍ଗଲରେ ମାଓବାଦୀ ଲୁଚିଥିବା ଖବରପାଇ ଡିଆରଜି, ବସ୍ତର ଫାଇଟର, କୋବ୍ରା ଏବଂ ସିଆର୍‌ପିଏଫ୍ ଯବାନମାନେ ତଲାସିରେ ବାହାରିଥିଲେ। ଏହି ସମୟରେ ପାମଲୁର ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଯବାନଙ୍କୁ ମାଓବାଦୀମାନେ ସାମ୍ନା କରି ନ ପାରି ଛତ୍ରଭଙ୍ଗ ଦେଇଥିଲେ। ଏହାପରେ ଯବାନମାନେ ସମ୍ପୃକ୍ତ ଅଞ୍ଚଳରେ ତଲାସି ବେଳେ ଅସ୍ତ୍ରଶସ୍ତ୍ର ସହ ଜଣେ ପୁରୁଷ ମାଓବାଦୀର ମୃତଦେହ ଜବତ କରିଥିଲେ।

# ବୈଷୟିକ ଜ୍ଞାନ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ

ମାଲକାନଗିରି, ୮।୧୦(ଦୁର୍ଯ୍ୟୋଧନ ପାତ୍ର)

ଦେଶର ବର୍ତ୍ତମାନ ପରିସ୍ଥିତିରେ ବହୁ କୋଟି ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ଗ୍ରହଣକରି ନିଯୁକ୍ତି ପାଉ ନ ଥିବା ବେଳେ ନିଯୁକ୍ତି ପାଇଁ ଓଡ଼ିଶା ସରକାର ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ସହ ଜ୍ଞାନ କୌଶଳ, ବୈଷୟିକ ଜ୍ଞାନ ଶିକ୍ଷା ପାଇଁ ଏକ ଯୋଜନା କରିଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ପ୍ରାଥମିକରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରୁଥିଲେ ମଧ୍ୟ ଅନେକ ଶିକ୍ଷିତ ଛାତ୍ରୀଛାତ୍ର ବେକାର ହୋଇ ମାନସିକ ଚିନ୍ତାରେ ଦିନ କାଟୁଥିବା ଦେଖିବାକୁ ମିଳିଥାଏ ।

ମାଲକାନଗିରି ଜିଲା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ଜ୍ଞାନ ନିଗମ (ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍) ତରଫରୁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇଁ ସରକାରଙ୍କ ତରଫରୁ କମ୍ପ୍ୟୁଟର ପାଠ୍ୟକ୍ରମ ଶ୍ରେଣୀଗୃହକୁ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ମଙ୍ଗଳବାର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଦୁଷନ୍ତ ଜେନା, ଓଡ଼ିଶା ନଲେଜ କର୍ପୋରେଶନର ଅଧିକାରୀ ସୁଶାନ୍ତ ବେଦାନ୍ତ, ସ୍ଥାନୀୟ କର୍ମ ନିଯୋଜନ ଅଧିକାରୀ ମନସ୍ୱିନୀ ସେଠୀ, ଜିଲା କୋଅର୍ଡିନେଟର ଦେବପ୍ରସାଦ ସ୍ୱାଇଁ, ସିଟ୍ ଏକାଡେମୀ ନିର୍ଦ୍ଦେଶକ ଅଳକା ବିଶୋଇ, ସମସ୍ତ ଅଧ୍ୟାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍ ରାଜ୍ୟ ସରକାରଙ୍କ ଆଇଟି ବିଭାଗ ଦ୍ୱାରା ପରିଚାଳନା ହେଉଥିବା ବେଳେ ଏହି ଶିକ୍ଷା ଓ ଜ୍ଞାନକୌଶଳ ସ୍ଥାନୀୟ ସିଟ୍ ଏକାଡେମୀ ତରଫରୁ ଛାତ୍ରୀଛାତ୍ର ମାନଙ୍କୁ ଶିକ୍ଷା ପ୍ରଦାନ କରାଯିବ । ଏହି କମ୍ପ୍ୟୁଟର ଶିକ୍ଷା ମାଧ୍ୟମରେ ଡିଜିଟାଲ ସ୍କିଲ୍ କୌଶଳ ବିକାଶ ପାଇଁ ଏକ ମୂଲ୍ୟବାନ୍ ସୁଯୋଗ । ଏହି ବୈଷୟିକ ଶିକ୍ଷା ଗ୍ରହଣ କରିବା ଦ୍ୱାରା ଛାତ୍ରୀଛାତ୍ରଙ୍କୁ ସରକାରଙ୍କ ତରଫରୁ ସ୍ୱୀକୃତିପ୍ରାପ୍ତ ପ୍ରମାଣପତ୍ର ପ୍ରଦାନ କରାଯିବ । ଫଳରେ ଯେକୌଣସି ସରକାରୀ ଓ ବେସରକାରୀ ସଂସ୍ଥାରେ ନିଯୁକ୍ତି ପାଇବା ପାଇଁ ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ସିଟ୍ ଏକାଡେମୀର ତାଲିମଦାତା ଅଭିଜିତ ନନ୍ଦ ଓ ଆକାଶ ନାୟକ ଏହି ଜ୍ଞାନକୌଶଳ ଶିକ୍ଷା ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ କରିବେ ବୋଲି ଜଣାପଡ଼ିଛି।


ଉଦ୍‌ଘାଟନୀ ଅବସରରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଓ ଅନ୍ୟମାନେ ।

# ଛୁରିରେ ଆକ୍ରମଣ କରି ଯୁବକ ଗିରଫ

ଜୟପୁର,୮।୧୦(ପବନ ପାଣିଗ୍ରାହୀ)- ଜୟପୁର ସଦର ପୋଲିସ ଛୁରିରେ ଆକ୍ରମଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସଦର ଥାନା ଅନ୍ତର୍ଗତ କେ.ଫାମ୍ପୁଣି ଗ୍ରାମ ମହୁଲି ଭଟ୍ଟା ସାହିର ପୁରୁଷୋତ୍ତମ ବାଘ(୩୦)। ଅକ୍ଟୋବର ୩ ତାରିଖରେ ଗ୍ରାମର ଭବାନୀ ହରିଜନଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଭାବନୀ ଗୁରୁତର ହୋଇ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହେବାରୁ ସଦର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ମୋବାଇଲ ଚୋରି ଅଭିଯୋଗ, ଜଣେ ଗିରଫ

ଜୟପୁର,୮।୧୦(ପବନ ପାଣିଗ୍ରାହୀ)- ଜୟପୁର ଟାଉନ ପୋଲିସ ମୋବାଇଲ ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ପୁରୁଣାଗଡ଼ର କାର୍ତ୍ତିକ ମାଝି(୨୦)। ତାରା ଘୋଷ ମୋବାଇଲ ଚୋରି ହୋଇଥିବା ଜୟପୁର ଟାଉନ ଥାନାରେ ରବିବାର ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିବା ସହ କାର୍ତ୍ତିକଙ୍କଠାରୁ ୨ ମୋବାଇଲ ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

# ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ କମିଟି ଗଠିତ


ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ କମିଟି ଗଠନ ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

କୋରାପୁଟ,୮।୧୦(ଅମିତାଭ ବେହେରା)

କୋରାପୁଟ ଜିଲାରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଅପରାଧ ଉପରେ ଅଙ୍କୁଶ ଲଗାଇବା ପାଇଁ ଜିଲାପାଳଙ୍କ ଅନୁମୋଦନ ପରେ ଜିଲାସ୍ତରୀୟ ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ କମିଟି ଗଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଆଲୋମଣି ସେଠୀ ଅଧ୍ୟକ୍ଷତାରେ ଜିଲାରେ କିପରି ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଶିକାର ବନ୍ଦ କରାଯିବା, ଜଙ୍ଗଲ ସୁରକ୍ଷା ଓ ସୃଷ୍ଟି କରିବା, ଅଗ୍ନି ଦାଉରୁ ଜଙ୍ଗଲ ରକ୍ଷା କରିବା ଆଦି ଦିଗରେ ସଚେତନତା କରାଇବା ଏବଂ ଏଥିପ୍ରତି ସତର୍କ ଦୃଷ୍ଟି ରଖାଯିବା ନେଇ ଆଲୋଚନା କରିବା ସହ ଏକ କମିଟି ଗଠନ କରାଯାଇଛି। ଜିଲାପାଳ,ଜିଲା ଆରକ୍ଷୀ ଅଧୀକ୍ଷକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ,ଜିଲା କୃଷି ଅଧିକାରୀ,ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ, ଟାଟା ପାୱାର ଅଧିକାରୀ, ରାସ୍ତା ଓ ଗୃହ ନିର୍ମାଣ ନିର୍ବାହୀ ଯନ୍ତ୍ରୀ,ଡିଆର୍‌ଏମ୍‌ଙ୍କ ପ୍ରତିନିଧି,ଜାତୀୟ ରାଜପଥ ଅଧିକାରୀ ଏବଂ ଜୟପୁର ଓ କୋରାପୁଟ ବନଖଣ୍ଡ ଅଧିକାରୀଙ୍କୁ ନେଇ କମିଟି ଗଠନ କରାଯାଇଛି। ବୈଠକରେ କୋରାପୁଟ ବନଖଣ୍ଡ ଅଧିକାରୀ କେଭି ଭାସ୍କର ରାଓ,ଏସିଏଫ୍ ଶୁଭଦର୍ଶନୀ ମହାନ୍ତି,କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଦ୍ୱିତୀକୃଷ୍ଣ ପାତ୍ରଙ୍କ ସହ ପୋଲିସ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାଲ୍ୟବିବାହକୁ ନେଇ ସଚେତନତା କାର୍ଯ୍ୟକ୍ରମ

## ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ଜୟପୁର,୮।୧୦
(ପବନ ପାଣିଗ୍ରାହୀ)

ଜୟପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାରାବେଡ଼ାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଶକ୍ତି ମହାପାତ୍ର,ତହସିଲଦାର ସବ୍ୟସାଚୀ ଜେନା, ସିଡିପିଓ କାଞ୍ଚନ ପଣ୍ଡାଙ୍କ ସହ ଏସ୍‌ଏଚ୍‌ଜି ମହିଳା,ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବାଲ୍ୟ ବିବାହକୁ ନେଇ ସଚେତନତା କରାଯାଇଥିଲା। ଅକ୍ଟୋବର ୧୧ ତାରିଖରେ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ଉପଲକ୍ଷେ ରଚନା ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସମ୍ମାନିତ


ପୁରସ୍କୃତ ହୋଇଥିବା ଛାତ୍ରୀ।

ମାଲକାନଗିରି, ୮।୧୦(ଦୁର୍ଯ୍ୟୋଧନ ପାତ୍ର)

## ବନ୍ୟଜନ୍ତୁ ସୁରକ୍ଷା ବକ୍ତୃତା ପ୍ରତିଯୋଗିତା

ମାଲକାନଗିରି ଜିଲାରେ ୭୦ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ଅବସରରେ ଜିଲାର ୭ ବ୍ଲକ୍‌ର ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ଓ ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ମାଲକାନଗିରି ବ୍ଲକ୍ ଶିଖପାଲୀ ପଞ୍ଚାୟତ ଆଶ୍ରମ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ଅଲୁମା ହେମ୍ବ୍ରମ, ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ମଙ୍ଗଳବାର ବନ ବିଭାଗ ତରଫରୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଡିଏଫ୍‌ଓ ପ୍ରତାପ କତାପାଲ୍ଲୀ, ସହକାରୀ ବନ ସଂରକ୍ଷକ ଏଲଭାରସନ କେ. ଏବଂ ସୁଶ୍ରୀ ପ୍ରିୟଙ୍କା ମହୁକା ମାନପତ୍ର ଓ ଟ୍ରଫି ପ୍ରଦାନକରି ସମ୍ମାନିତ କରିଥିଲେ ।

# ପାଇପ୍ ଫାଟି ରାଜପଥରେ ଭାସୁଛି ପାଣି

ସୁନାବେଡ଼ା/ସେମିଳିଗୁଡ଼ା,୭।୧୦
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଜନସ୍ୱାସ୍ଥ୍ୟ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଲୋକେ ହଇରାଣ ହେଉଛନ୍ତି । କିଛିଦିନ ହେବ ପାଣି ନ ପାଇ ଲୋକେ ହନ୍ତସନ୍ତ ହେଉଥିବା ବେଳେ ପାଇପ୍ ଫାଟି ରାଜରାସ୍ତାରେ ଲହଡ଼ି ଭାଙ୍ଗୁଛି । ଏମିତି ଦେଖିବାକୁ ମିଳିଛି ସେମିଳିଗୁଡ଼ା ଗୁରୁଦ୍ୱାରା ସମ୍ମୁଖ ୨୬ ନଂ. ଜାତୀୟ ରାଜପଥ ଉପରେ । ଏଠାରେ ଜନସ୍ୱାସ୍ଥ୍ୟ ବିଭାଗର ପାଇପ୍ ଫାଟି ରାସ୍ତାରେ ପାଣି ଭାସୁଛି। ଏହା ପ୍ରତି ବିଭାଗର ନିଘା ନାହିଁ। ଲୋକେ ବିଭିନ୍ନ ସମୟରେ ପାଣି ମୁନ୍ଦେ ଲାଗି ଚୁଆ କିମ୍ବା କୂଅ ପୋଖରୀ ଉପରେ ନିର୍ଭର କରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କିନ୍ତୁ ଏଠାରେ ବିଭଗୀୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ରାସ୍ତାରେ ଭାସୁଛି ପାଣି । ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି ।

ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଇଭାପ୍ରତିମା ତାଦିଆଙ୍କୁ ମୋବାଇଲ ନମ୍ବର ୭୫୦୪୬୬୦୮୭୩ ରେ ଯୋଗାଯୋଗ କରିବାରୁ ତାହା ବନ୍ଦ ଥିବାବେଳେ ସେମିଳିଗୁଡ଼ା ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବାଳକୃଷ୍ଣ ବେହେରାଙ୍କୁ ୯୪୩୭୨୩୩୩୭୪ରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ ।



# ଟ୍ରାଫିକ୍ ସମସ୍ୟାକୁ ନେଇ ଆକ୍ସନ ମୋଡ୍‌ରେ ଜିଲା ପ୍ରଶାସନ

ସୁନାବେଡ଼ା/ସେମିଳିଗୁଡ଼ା,୮।୧୦
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ଅଞ୍ଚଳରେ ଉପୁଜୁଥିବା ଟ୍ରାଫିକ୍ ସମସ୍ୟାକୁ ନେଇ ଆକ୍ସନ ମୁଡ୍‌ରେ ଜିଲା ପ୍ରଶାସନ। ମଙ୍ଗଳବାର ରାଜସ୍ୱ ବିଭାଗ, ପୋଲିସ ଓ ପୌର ପ୍ରଶାସନ ପକ୍ଷରୁ ପୁଣି ଚଢ଼ାଉ କରାଯାଇଛି। ଧରିତ୍ରୀରେ ଟ୍ରାଫିକ୍ ସମସ୍ୟା ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ଏପରି ପଦକ୍ଷେପ ନେଉଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ସନ୍ଧ୍ୟାରେ ସେମିଳିଗୁଡ଼ା ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ନାୟକ, ସୁନାବେଡ଼ା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ଓ ପୌର ନିର୍ବାହୀ ଅଧିକାରୀ ନାରାୟଣ ନାୟକ ଓ ସମସ୍ତ ବିଭାଗୀୟ କର୍ମଚାରୀ ମିଳିତ ଭାବେ ଅଚାନକ ନୂଆ ଖୋଲିଥିବା ଶପିଙ୍ଗ୍ ମଲ୍ ଉପରେ ଚଢ଼ାଉ କରିଥିଲେ। ମଲ୍ ମ୍ୟାନେଜରଙ୍କୁ ତାଗିଦ କରିବା ସହ ଆବଶ୍ୟକ ଦସ୍ତାବିଜ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ମଲ୍ ଟ୍ରେଡ୍ ଲାଇସେନ୍ସ ନ ଥିବା ଜାଣିବାକୁ ପାଇଥିଲେ। ଏଥିସହ ଅବୈଧ ଭାବେ ରାସ୍ତା ଉପରେ ବୈଦ୍ୟୁତିକ ଉପକରଣ ରଖିବା ସହ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ସାଉଣ୍ଡ ବକ୍ସ ବଜାଉଥିବାରୁ ତାଗିଦ କରିଥିଲେ। ସୋମବାର ଅନୁରୂପ ଭାବେ ପ୍ରଶାସନ ଚଢ଼ାଉକରି ୧୫ ବ୍ୟବସାୟୀ ପ୍ରତିଷ୍ଠାନକୁ ନୋଟିସ କରିଥିଲା। ଏହି ଚଢ଼ାଉ ସମ୍ପର୍କରେ ଅତିରିକ୍ତ ତହସିଲଦାର କହିଛନ୍ତି, ନିୟମ ଉଲ୍ଲଂଘନକାରୀ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ କଡ଼ା ତାଗିଦ କରାଯାଇଛି। ସେମାନେ ନିୟମ ଅନୁସାରେ ପାର୍କିଂ ବ୍ୟବସ୍ଥା, ଅଗ୍ନି ନିର୍ବାପକ ଓ ଉପଯୁକ୍ତ ଲାଇସେନ୍ସ ବ୍ୟବସ୍ଥା କରିବେ। ଯିଏ ଏହାର ଖିଲାପ କରିବେ ଆଇନ ଅନୁଯାୟୀ ଦଣ୍ଡିତ ହେବେ। ଅନ୍ୟପଟେ ପୌର ନିର୍ବାହୀ ଅଧିକାରୀ କହିଛନ୍ତି, ଆବଶ୍ୟକ ପଡ଼ିଲେ ଲାଇସେନ୍ସ ରଦ୍ଦ ସହ ପ୍ରତିଷ୍ଠାନ ସିଲ୍ ମଧ୍ୟ କରାଯିବ ।


ନୂଆ ଶପିଂ ମଲ୍ ନିକଟରେ ପ୍ରଶାସନିକ ଅଧିକାରୀମାନେ ମ୍ୟାନେଜରଙ୍କୁ ପଚରାଉଚରା କରୁଛନ୍ତି।

# ଦାବି ପୂରଣ ନ ହେଲେ ପିଲାଙ୍କୁ ସ୍କୁଲ ନ ପଠାଇବା ଚେତାବନୀ

## ମିଳିତ କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ

### ୧୫ ଦିନରେ ସରକାର ଦାବି ନ ମାନିଲେ ପଞ୍ଚାୟତସ୍ତରରୁ ହେବ ଆନ୍ଦୋଳନ

ନବରଙ୍ଗପୁର,୮।୧୦(ସଦାଶିବ ପ୍ରହରାଜ)

ଜିଲାଭିତ୍ତିକ ନିଯୁକ୍ତି ଦାବିକରି ଧାରଣା ଦେଉଥିବା ମିଳିତ କ୍ରିୟାନୁଷ୍ଠାନ କମିଟି ଏହାକୁ ସ୍ଥଗିତ ରଖିଛି। ଆସନ୍ତା ୧୫ ଦିନ ମଧ୍ୟରେ ସରକାର ଦାବି ପୂରଣ ନ କଲେ ପଞ୍ଚାୟତ, ବ୍ଲକ୍, ଜିଲାସ୍ତରରେ ଆନ୍ଦୋଳନ ଓ ଧାରଣା ଦିଆଯିବ ବୋଲି ମଙ୍ଗଳବାର ଧାରଣାସ୍ଥଳରେ ଏକ ଖବରଦାତା ସମ୍ମିଳନୀକରି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଅବିଭକ୍ତ କୋରାପୁଟ ଜିଲାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି କରାଯିବ। ବିଦ୍ୟାଳୟକୁ ପିଲାମାନଙ୍କୁ ପଠାଯିବ ନାହିଁ। ପାଠପଢ଼ି ପିଲାମାନେ ଚାକିରି ପାଇବେ ନାହିଁ ତେବେ ପାଠପଢ଼ି ଲାଭ କ'ଣ ବୋଲି କମିଟି ସଦସ୍ୟମାନେ ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି। ସେପ୍ଟେମ୍ବର ୨୮ରୁ ଜିଲାଭିତ୍ତିକ ନିଯୁକ୍ତି ପାଇଁ ସରକାରଙ୍କ ପାଖରେ ଦାବି କରାଯାଉଛି। ୪ ତାରିଖରେ ପ୍ରତିବାଦ ଜଣାଇ ଅବିଭକ୍ତ କୋରାପୁଟ ଜିଲା ବନ୍ଦ କରାଯାଇଥିଲା। ଦୁଃଖ ଓ ପରିତାପର



ଖବରଦାତା ସମ୍ମିଳନୀରେ ମିଳିତ କ୍ରିୟାନୁଷ୍ଠାନ ସଦସ୍ୟମାନେ ସୂଚନା ଦେଉଛନ୍ତି।

ବିଷୟ ଯେ କନିଷ୍ଠ ଶିକ୍ଷକ ନିଯୁକ୍ତିରେ ଅବିଭକ୍ତ କୋରାପୁଟ ଜିଲାରେ ୨୮୪୮ ପଦବୀ ମଧ୍ୟରୁ କେବଳ ୨୫୦ ପ୍ରାର୍ଥୀ ହିଁ ନିଜ ଜିଲାର ନିଯୁକ୍ତି ପାଇଛନ୍ତି। ଅନ୍ୟ ପ୍ରାର୍ଥୀ ସବୁ ବାହାର ଜିଲାର। ଏହା ଜିଲାର ଶିକ୍ଷିତ ଯୁବପିଢ଼ିଙ୍କ ପ୍ରତି ଅନ୍ୟାୟ ବୋଲି କମିଟି ଅଭିଯୋଗ କରିଛି। ଗଣଶିକ୍ଷା ମନ୍ତ୍ରୀ ନବରଙ୍ଗପୁରର। ସେ ଓ ସ୍ଥାନୀୟ ବିଧାୟକ ଚାହିଁଥିଲେ ଅବିଭକ୍ତ କୋରାପୁଟ ଜିଲାର ନିଯୁକ୍ତି ପ୍ରକ୍ରିୟା କିଛିଦିନ ପାଇଁ ସ୍ଥଗିତ କରିପାରିଥାନ୍ତେ। କିନ୍ତୁ ସେମାନେ ଏପରି କଲେ ନାହିଁ। ଏପରିକି ଆନ୍ଦୋଳନକାରୀଙ୍କ ସହ କୌଣସି ସାନ୍ତ୍ୱନାମୂଳକ ଆଲୋଚନା କିମ୍ବା ଏହାକୁ ରୋକିବାକୁ କୌଣସି ପଦକ୍ଷପ ନେଲେ ନାହିଁ। ୧୫ ଦିନରେ ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଦିଆଯିବ। ଆଗାମୀ ଦିନରେ ଏହା ଏକ ଜନ ଆନ୍ଦୋଳନରେ ପରିଣତ ହେବ ବୋଲି ଅଖିଳ ଭାରତୀୟ ଏସ୍‌ଟି ଏସ୍‌ସି ପରିସଂଘ ସଭାପତି ଭଗବାନ ବୈରାଗୀ, ଜିଲା ଏକତା ମଞ୍ଚ ବରିଷ୍ଠ ଉପଦେଷ୍ଟା ଲଳିତ ମୋହନ ନାୟକ, କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ସଭାପତି ଅର୍ଜ୍ଜୁନ ଭତରା, ପିସିସି ଉପସଭାପତି ମୁନା ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ କମିଟି ସଭାପତି ଭୁଜବଳ ମାଝୀ, ଖ୍ରୀଷ୍ଟିଆନ ମାଇନୋରିଟି ସଂଘ ସଭାପତି ସୁଧୀର ପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ଏସ୍‌ସି ସଂଘ ବ୍ଲକ୍ ସଭାପତି ଦେବରାଜ ନାଗ, ଜିଲା ସରପଞ୍ଚ ମହାସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ଭତ୍ରା, ଦୟାନିଧି ସୁନା, ରାଷ୍ଟ୍ରୀୟ କିଷାନ ମଜଦୁର ସଂଘ ସଭାପତି ଦିବାକର ପୂଜାରୀ, ଲକ୍ଷ୍ମଣ ନାୟକ ସ୍ୱେଚ୍ଛାସେବୀ ସଂଘ ସାମାଜିକ କର୍ମୀ କମଲୁ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାର ୫୫୮ ଶିକ୍ଷକ ନିୟମିତ

ନବରଙ୍ଗପୁର, ୮।୧୦
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ୫୫୮ ଜଣ ଶିକ୍ଷକଙ୍କୁ ନିୟମିତ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୭ ତାରିଖ ଚିଠି ସଂଖ୍ୟା ୨୦୮୮୭ ଅନୁଯାୟୀ ଜିଲା ଶିକ୍ଷାଧିକାରୀଙ୍କୁ ଶିକ୍ଷକଙ୍କୁ ନିୟମିତ ପାଇଁ ଚିଠି କରିଥିଲେ। ୮ ତାରିଖ ଦିନ ଶିକ୍ଷାଧିକାରୀଙ୍କ ଚିଠି ସଂଖ୍ୟା ୩୭୭୬ ଅନୁଯାୟୀ ମଙ୍ଗଳବାର ନିର୍ଦ୍ଦେଶକ୍ରମେ ସମସ୍ତ ବ୍ଲକ୍ (୧୦) ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ନିୟମିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ନବରଙ୍ଗପୁର ଜିଲାର ପ୍ରଥମ ରେଗୁଲାର ଅର୍ଡର ପାଇ ୫୫୮ରୁ ଊର୍ଦ୍ଧ୍ୱ ଶିକ୍ଷକ ଖୁସି ଅଛନ୍ତି। ଓଡ଼ିଶା ଜୁନିୟର ଟିଚର ଆସୋସିଏଶନ ଜିଲା ସଭାପତି ସୁମନ୍ତ କୁମାର ପରିଡ଼ା, ସମ୍ପାଦକ ଦୀପକ କୁମାର ପାତ୍ର, ମହାସଚିବ ଦିପକ ବିଶ୍ୱାଳ, ସମସ୍ତ କର୍ମକର୍ତ୍ତା, ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜିଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ଡିଇଓ ଛତ୍ରପତି ସାହୁଙ୍କୁ ଶିକ୍ଷକମାନେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# କୀଟନାଶକ ପ୍ରୟୋଗ, ନିରାପଦ ବ୍ୟବହାର ତାଲିମ


ଅଧିକାରୀମାନେ ଚାଷୀଙ୍କୁ କୀଟନାଶକ ବ୍ୟବହାର ସମ୍ପର୍କିତ ତାଲିମ ଦେଉଛନ୍ତି।

ତେନ୍ତୁଳିଖୁଣ୍ଟି, ୮।୧୦
(ଚିଦାନନ୍ଦ ସାହୁ)

ଧାନ ଓ ଅନ୍ୟ ଫସଲରେ ରୋଗପୋକ, ଘାସ ଦମନ ପାଇଁ କୀଟନାଶକ ପ୍ରୟୋଗ କରାଯାଉଛି। ଏହାର ପ୍ରୟୋଗ, ପରିଚାଳନା ଓ ନିରାପଦ ବ୍ୟବହାର ନେଇ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସୌଜନ୍ୟରେ ତେନ୍ତୁଳିଖୁଣ୍ଟି କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଏକ ଶିବିର କରାଯାଇଛି। କେତେ ହେକ୍ଟରରେ କେଉଁ ପରିମାଣରେ କୀଟନାଶକ ପ୍ରୟୋଗ କରାଯିବ, କେଉଁ ସମୟରେ ପ୍ରୟୋଗ ହେବ, ପ୍ରୟୋଗବେଳେ ନିଜକୁ କିଭଳି ନିରାପଦ ରଖିବା, କ'ଣ କରିବେ ନାହିଁ ଆଦି ସମ୍ପର୍କରେ ବିସ୍ତୃତଭାବେ କୃଷି ଅଧିକାରୀମାନେ ଉପସ୍ଥିତ ଚାଷୀଙ୍କୁ ବୁଝାଇଥିଲେ। ନବରଙ୍ଗପୁର ବ୍ଲକ୍ କୃଷି ଅଧିକାରୀ ଅଭିଜିତ ପ୍ରଧାନ, ନନ୍ଦାହାଣ୍ଡି ସହକାରୀ କୃଷି ଅଧିକାରୀ ଅମିତ୍ କୁମାର ମଲ୍ଲିକ ଚାଷୀଙ୍କୁ କୀଟନାଶକ ପ୍ରୟୋଗର ଡେମୋ ଦେଖାଇଥିଲେ। କୃଷି ଓଭରଶିୟର ଧୀରେନ୍ ବେନ୍ୟା, ଜିତେନ୍ଦ୍ର ଟାକ୍ରି, ମଧୁସ୍ମିତା ପତି, ବନ୍ଦିତା ମହାରଣା ପ୍ରମୁଖଙ୍କ ସହ ପ୍ରାୟ ୫୦ ଚାଷୀ ଉପସ୍ଥିତ ଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକ୍ ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ ଏହି ତାଲିମ ଶିବିର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏଟିଏମ୍ ବାଳ ଗୋବିନ୍ଦ ସାହୁ ଓ ଆଶିଷ ରଞ୍ଜନ ପରିଡ଼ା ସହଯୋଗ କରିଥିଲେ।

# ଟିପ୍ପରର ଧକ୍କାରେ ଜଣେ ନାବାଳକ ମୃତ

ନନ୍ଦପୁର,୮।୧୦(ସୁନିଲ କୁମାର ପଣ୍ଡା)

ନନ୍ଦପୁର ସଦର ମହକୁମା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଟିପର ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋରାପୁଟ ରଙ୍ଗାବାଲି ଏକମ୍ବା ଗ୍ରାମର ବବୁଲୁ ବାଗ୍(୧୭)। ସୂଚନା ଅନୁସାରେ ବବୁଲୁ ସେମିଳିଗୁଡାସ୍ଥିତ ନିଜ ମାଉସୀ ଘରକୁ ଆସି ସ୍କୁଟି (ଓଡି-୧୦ଡବ୍ଲ୍ୟୁ-୦୪୭୪) ନେଇ କୌଣସି କାମରେ ନନ୍ଦପୁର ଆସି ଫେରୁଥିବା ବେଳେ ସେମିଳିଗୁଡାରୁ ନନ୍ଦପୁର ଆସୁଥିବା ଏକ ଟିପର(ଓଆର-୧୦ଏଚ୍-୫୯୪୪)ର ପଛଚକା ତଳେ ଭାରସାମ୍ୟ ହରାଇ ପଡିଯାଇଥିଲେ। ଟିପର ତାଙ୍କ ମୁଣ୍ଡ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ନନ୍ଦପୁର ପୋଲିସ ମୃତଦେହ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ସହ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ଆପୋଷ ବୁଝାମଣାରେ ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ନନ୍ଦପୁର ଥାନା ଏଏସଆଇ ରମାନନ୍ଦ ଭକ୍ତ ଘଟଣାର ତଦନ୍ତ ଭାର ନେଇଛନ୍ତି।

# ଧାନ ଫସଲରେ ଲେଡ଼ାପୋକ, ଚିନ୍ତାରେ ଚାଷୀ


ବିଏଓ ଜମି ପରିଦର୍ଶନ କରୁଛନ୍ତି।

ପାପଡ଼ାହାଣ୍ଡି, ୮।୧୦
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ଜଟାବାଲ ପଞ୍ଚାୟତ ମୋହରାଗୁଡ଼ା ଗ୍ରାମରେ ଧାନ ଫସଲରେ ଲେଡ଼ାପୋକ ଲାଗିଛନ୍ତି। ରାତାରାତି ବହୁ ଏକର ଫସଲରେ ପଶି ଧାନ ଖେଡ଼ କାଟିଦେଉଥିବା ବେଳେ ପତ୍ରଗୁଡିକ ଖାଇଦେଉଛନ୍ତି। ଫସଲ ଅମଳ ସମୟରେ ଲେଡ଼ା ପୋକକୁ ନେଇ ଚାଷୀ ଏବେ ଚିନ୍ତାରେ। ଗତ ୧୦ ଦିନରୁ ଊର୍ଦ୍ଧ୍ୱ ସମୟ ହେବ ମୋହରାଗୁଡ଼ା ଧାନ ଫସଲରେ ଲେଡ଼ାପୋକ ଲାଗିଛି। ଚାଷୀମାନଙ୍କ ନଜରକୁ ଆସିବା ବେଳକୁ ବହୁତ ଫସଲ ନଷ୍ଟ କରି କାଟିଦେଇଥିବା ଦେଖିବାକୁ ମିଳିଥିଲା। ଧାରକରଜକରି ଚାଷ କରିଥିବା ଚାଷୀ ଅମଳ ସମୟରେ ଫସଲରେ ଏହି ପୋକକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ଛାଷୀ ବଜାରରେ ମିଳୁଥିବା ବିଭିନ୍ନ ସିଞ୍ଚନ ଔଷଧ ପକାଉଥିବା ଦେଖିବାକୁ ମିଳିଛି। ଲେଡ଼ା ପୋକ ନିୟନ୍ତ୍ରଣ ନ ହେଲେ ବହୁ ଏକର ଫସଲ ନଷ୍ଟହେବା ଆଶଙ୍କା ଦେଖାଦେଇଛି। ତେବେ ଜମିରେ ମାତ୍ରାଧିକ ଚାରାରୋପଣ ଓ ନଦୀକୂଳିଆ ଜମି ହୋଇଥିବାରୁ ଲେଡ଼ାପୋକ ବ୍ୟାପିବା ଅଧିକ ହେଉଥିବା ସ୍ଥାନୀୟ ବିଏଓ ଶିବାନୀ ଗୋଛାୟତ କହିଛନ୍ତି। ଔଷଧ ସିଞ୍ଚନ ଦ୍ୱାରା ଲେଡ଼ା ରୋକାଯାଇପାରିବ ବୋଲି କହିଛନ୍ତି। ଘଞ୍ଚ ଧାନ ଫସଲ ଯୋଗୁ ଔଷଧ ଠିକ୍ ଭାବରେ ପହଞ୍ଚିପାରୁନାହିଁ। ତେଣୁ ଲେଡ଼ାପୋକଗୁଡ଼ିକ ଲୁଚିକି ରହୁଥିବା କହିଛନ୍ତି। ବର୍ତ୍ତମାନ କୃଷି ବିଭାଗ କର୍ମଚାରୀ ବିଭିନ୍ନ ଅଞ୍ଚଳ ପରିଦର୍ଶନକରି କେଉଁ କେଉଁ ଔଷଧ ସିଞ୍ଚନ କରାଯିବ ସେ ନେଇ ଲୋକଙ୍କୁ ସଚେତନ କରାଉଛନ୍ତି। ତେବେ ପୋକଗୁଡ଼ିକ ରାତିରେ ବାହାରି ଦିନରେ ଲୁଚିରହିଥିବାରୁ ଚାଷୀ ଦିନ ତମାମ ଜମିରେ ରହି ଫସଲର ସୁରକ୍ଷା ଦେଉଥିବା ଦେଖିବାକୁ ମିଳିଛି।

# ନରେଶ ପଟ୍ଟନାୟକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

ଉମରକୋଟ, ୮।୧୦
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲାସ୍ତରୀୟ ୭୦ ତମ ବନ୍ୟ ପ୍ରାଣୀ ସପ୍ତାହ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଉମରକୋଟସ୍ଥିତ ବକୋଦାର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକଙ୍କୁ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ କରାଯାଇଛି। ନବରଙ୍ଗପୁର ଚରକ ବନରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲାପାଳ ଡ ଶୁଭଙ୍କର ମହାପାତ୍ର, ଜିଲା ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ବେହେରା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ନରେଶ ପଟ୍ଟନାୟକ ବଡବାସିନି, ବିବେକାନନ୍ଦ ବିଦ୍ୟା ମନ୍ଦିର, ଅଞ୍ଚଳା ବିଦ୍ୟାଳୟ ଓ ବକୋଦାରେ ଚାରାରୋପଣ ସହ ଔଷଧୀୟ ବନ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି। ସେଥିପାଇଁ ବକୋଦା ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।


ଅତିଥିମାନେ ନରେଶଙ୍କୁ ପୁରସ୍କୃତ କରୁଛନ୍ତି।

# ବତାସରରେ ବନ୍ୟପ୍ରାଣୀ ସପ୍ତାହ କାର୍ଯ୍ୟକ୍ରମ

ପାପଡ଼ାହାଣ୍ଡି, ୮।୧୦
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ ବତାସର ଗ୍ରାମରେ ୭୦ତମ ବନ୍ୟ ପ୍ରାଣୀ ସପ୍ତାହ ଉପଲକ୍ଷେ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଉମାକାନ୍ତ ପଟ୍ଟନାୟକ ଯୋଗଦେଇଥିଲେ। ଭିଏସ୍‌ଏସ୍ କମିଟି ଓ ଗ୍ରାମବାସୀଙ୍କୁ ନେଇ ବନ୍ୟ ପ୍ରାଣୀଙ୍କ ସୁରକ୍ଷା, ଶିକାର ରୋକିବା ଓ ନୂତନ ଜଙ୍ଗଲ ସୃଷ୍ଟି ନେଇ ଆଲୋଚନା ହୋଇଥିଲା। ବତାସର ବନ ସୁରକ୍ଷା ସମିତି ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ଓ ପ୍ରକୃତ ମିତ୍ରରେ ସମ୍ମାନିତ ହୋଇଥିବାରୁ ବୈଠକରେ ପ୍ରଶଂସା କରାଯାଇଥିଲା। କିପରି ସେମାନେ ଜଙ୍ଗଲ କଲେ ସେ ନେଇ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଜଟାବାଲ ବନରକ୍ଷୀ ସଦା ସାନ୍ତା, ପିଏନ୍‌ଜିଓ ଗ୍ରାମ ବିକାଶ ସଙ୍ଗଠନ କର୍ମକର୍ତ୍ତା କୃପା ଦାସ ମହୁରିଆ, ହରିହର ନାୟକଙ୍କ ସହ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ସୁରଭି ମହୋତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନବରଙ୍ଗପୁର,୮।୧୦
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ରାଜା ଚୈତନ୍ୟ ଦେବ ନୋଡ଼ାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ,ଦେବଦାସ ମହାକୁଡ଼,ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ,ଗୋଷ୍ଠୀ ଶିକ୍ଷାଧିକାରୀ ରମେଶ ରାୟ,ଏବିଓ ଜଗବନ୍ଧୁ ସୌରା, ନମିତା ଘଡେଇ ଓ ସୁରେନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଥିରୁ ୧୧ କ୍ଲଷ୍ଟରରୁ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେମାନେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବେ। ସିଆର୍‌ସିସି ଶୁଭେନ୍ଦୁ କୁମାର ପଣ୍ଡା,ସମସ୍ତ ସିଆର୍‌ସିସି ଓ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ସୁରଭି ମଞ୍ଚରେ କୃତୀ ପ୍ରତିଯୋଗୀ ପୁରସ୍କୃତ

ନନ୍ଦାହାଣ୍ଡି,୮।୧୦(ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ ସରୁଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୮ କ୍ଲଷ୍ଟରରୁ ଛାତ୍ରୀଛାତ୍ର ପୂର୍ବରୁ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କର ବ୍ଲକସ୍ତରରେ ଭାଗ ନେଇଥିଲେ। କୃତି ଛାତ୍ରୀଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ନନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ,ବ୍ଲକ ଅଧକ୍ଷା ରଶ୍ମିତା ମାଝୀ,ଜୋନ ୨ ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହରିହର ବେହେରା,ସମସ୍ତ କ୍ଲଷ୍ଟରର ସିଆରସିସି ଓ ଶିକ୍ଷକମାନେ ଉପସ୍ଥିତ ଥିଲେ।



ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀ।

# ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ବିକାଶରେ ସୁରଭି ସହାୟକ

ଉମରକୋଟ,୮।୧୦
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବିଇଓ ବିକାଶ ଚନ୍ଦ୍ର ସରକାର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ଝରିଗାଁ ବିଧାୟକ ନରସିଂହ ଭତ୍ରା, ପଞ୍ଚାୟତ ସମିତି ଅଧକ୍ଷା ସୁଶୀଳା ମାଝୀ, ଉମରକୋଟ ପୌରାଧକ୍ଷା ରାଧା ଭତ୍ରା, ରାଜ୍ୟ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ପ୍ରଧାନଶିକ୍ଷକ ଅସୀମ ବିଶ୍ୱାସ, ଅବସରପ୍ରାପ୍ତ ଡିଇଓ ଉମେଶ ଚନ୍ଦ୍ର ଭୁକ୍ତା, ବିଇଓ ବିକାଶ ଚନ୍ଦ୍ର ସରକାର ଉପସ୍ଥିତ ଥିଲେ। ସୁରଭି ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାର ବିକାଶରେ ସହାୟକ ହୋଇପାରିଛି ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ବ୍ଲକର ୨୦ କ୍ଲଷ୍ଟରରୁ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଗଣେଷ ପ୍ରସାଦ ରଣା, ନରେଶ ଚନ୍ଦ୍ର ପଟ୍ଟନାୟକ ଓ ସସ୍ମିତା ରାଉତ, ଏବିଇଓ ପୁରୁଷୋତ୍ତମ ମାଝୀ, ସୁଶୀଳା ଜୋରଦାର, ଦେବେନ୍ଦ୍ର ବାଘ, ବ୍ଲକ୍‌ର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷକ ଅରୁଣ ବେହେରା, ହେମନ୍ତ ଜେନା, ଫନିନ୍ଦ୍ର ଗାଇଁନ, ତିରୁପତି ପଟ୍ଟନାୟକଙ୍କ ସହ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।



ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

